## ସଂକ୍ଷେପରେ

### ଚନ୍ଦ୍ରକାନ୍ତ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ



ଅନୁଗୋଳ ଅଫିସ, ୧୮।୩- ଭାଜପା ଯୁବ ମୋର୍ଚ୍ଚାର ନୂତନ ରାଜ୍ୟ ସଂଯୋଜକ ଭାବେ ଅନୁଗୋଳ ଜିଲାର ଚନ୍ଦ୍ରକାନ୍ତ ଧଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଅନୁଗୋଳ ନଗରମଣ୍ଡଳ ସ୍ୱଚ୍ଛ ଭାରତ ଅଭିଯାନର ସଭାପତି ରହି ବିଭିନ୍ନ ସଙ୍ଗଠନକୁ ମଜଭୁତ କରିଥିଲେ। ଏହି ନୂତନ ନିଯୁକ୍ତି ପାଇଁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ସୌମ୍ୟରଞ୍ଜନ ସାହୁଙ୍କୁ କଂଗ୍ରେସର ନୂଆ ଦାୟିତ୍ୱ



ଅନୁଗୋଳ ଅଫିସ, ୧୮।୩- ଏନ୍‌ଏସ୍‌ୟୁଆଇ (ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ)ର ଓଡ଼ିଶା ରାଜ୍ୟ ସଙ୍ଗଠକ ଭାବେ ସୌମ୍ୟରଞ୍ଜନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପଦବୀ ମିଳିଥିବାରୁ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଛାତ୍ର କଂଗ୍ରେସ ନେତା ଓ ମହିଳା, ଛାତ୍ର ଏବଂ ଯୁବ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଏସ୍‌ପିଙ୍କୁ ରିପୋର୍ଟ ତଲବ

ଅନୁଗୋଳ ଅଫିସ, ୧୮।୩- ଅନୁଗୋଳ ସହର ଉପକଣ୍ଠରେ ଘଟିଯାଇଥିବା ଏକ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା ସହ ବଁଅରପାଳ ଅଞ୍ଚଳର ଜଣେ କଲେଜ ପଢ଼ୁଆ ନାବାଳିକାଙ୍କ ଅପହରଣ ଏବଂ ବିକ୍ରି ଘଟଣାକୁ ନେଇ ମାନବାଧିକାର ସମ୍ପାଦିକା ସଙ୍ଗୀତା ସ୍ୱାଇଁ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ଦୁଇଟି ମାମଲା ରୁଜୁ କରିଛନ୍ତି। ଉଭୟ ଘଟଣାରେ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ଏବଂ ନାବାଳିକା ବିକ୍ରି ଘଟଣାରେ ବଁଅରପାଳ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପ୍ରାର୍ଥନା କରିଛନ୍ତି। ଉକ୍ତ ମାମଲାରେ ଜାତୀୟ ମାନବାଧିକାର କମିଶନ ଅନୁଗୋଳ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଚାରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଓକିଲ ସଂଘ ନିର୍ବାଚନ: ପ୍ରଥମ ଦିନରେ ୯ ପ୍ରାର୍ଥୀ

**ଅନୁଗୋଳ ଅଫିସ, ୧୮।୩**

ଅନୁଗୋଳ କୋର୍ଟ କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନୀ କକ୍ଷରେ ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଛି। ୬ଟି ପଦବୀ ପାଇଁ ପ୍ରଥମ ଦିନରେ ୯ଜଣ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସଭାପତି ପଦ ପାଇଁ ମମତା ପଟ୍ଟନାୟକ ଓ ମଧୁସୂଦନ କର, ଉପସଭାପତି ପାଇଁ ନିରୋଦ କୁମାର ମିଶ୍ର ଓ ନିର୍ମଳ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ପାଇଁ ହିମାଂଶୁ ଭୂଷଣ ସାମଲ ଓ ଦୀପକ କୁମାର ସାହୁ, ସହ ସମ୍ପାଦକ ପଦବୀ ପାଇଁ ସୁଶାନ୍ତ କୁମାର ବାରିକ ଓ ବୈଷ୍ଣବ ଚରଣ ପାତ୍ର, ସାଂସ୍କୃତିକ ସମ୍ପାଦକ ପଦ ପାଇଁ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଅପରାହ୍ନ ୩ଟା ଯାଏ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲୁ ରହିବ। ୨୦ ତାରିଖରେ ସ୍କ୍ରୁଟିନି ତାଲିକା ପ୍ରକାଶ ପାଇବ। ୨୧ ତାରିଖ ପୂର୍ବାହ୍ନରେ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଅପରାହ୍ନ ୩ଟାରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ସେହିପରି ୩୦ ତାରିଖରେ ଭୋଟଗ୍ରହଣ ହୋଇ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।



ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ଢେଙ୍କାନାଳରେ ୨୦ ପ୍ରାର୍ଥିପତ୍ର

**ଢେଙ୍କାନାଳ ଅଫିସ, ୧୮।୩**

ଢେଙ୍କାନାଳ ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସଭାପତି ପଦବୀ ପାଇଁ ୩ ଜଣ, ଉପସଭାପତି ପଦବୀ ନିମନ୍ତେ ୩ ଜଣ ଓ ସମ୍ପାଦକ ପଦବୀ ପାଇଁ ୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ୩ ଜଣ, କୋଷାଧ୍ୟକ୍ଷ ପଦବୀ ପାଇଁ ୨ ଜଣ ଓ କାର୍ଯ୍ୟକାରିଣୀ ସଭ୍ୟ ପଦବୀ ନିମନ୍ତେ ୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ ପରେ ଯାଞ୍ଚ କାର୍ଯ୍ୟ କରାଯିବ। ବର୍ତ୍ତମାନ ସୁଦ୍ଧା ସଭାପତି ପଦବୀ ପାଇଁ ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର ଓ ପ୍ରତାପ ନାରାୟଣ ତ୍ରିପାଠୀଙ୍କ ସମେତ ସ୍ୱସ୍ତିକ ଶତପଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ଉପସଭାପତି ପଦବୀ ପାଇଁ ପ୍ରେମାନନ୍ଦ ବିହାରୀ, ସୁଶାନ୍ତ କୁମାର ହୋତା ଓ ସରୋଜ କୁମାର ପାଢୀ, ସମ୍ପାଦକ ପଦବୀ ନିମନ୍ତେ ଟଙ୍କଧର ବେହେରା, ପ୍ରଦୀପ ଚନ୍ଦ୍ର ନାଥ, ମନୋଜ କୁମାର ମହାପାତ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସୁବାସଚନ୍ଦ୍ର ସାହୁ, ଅମ୍ରିତ କୁମାର ଦାସ ଓ ମାନସ କୁମାର ସାହୁ, କୋଷାଧ୍ୟକ୍ଷ ପଦବୀ ପାଇଁ ରଞ୍ଜନ କୁମାର ମିଶ୍ର ଓ ବିଘ୍ନେଶ୍ୱର ଦୋରା, କାର୍ଯ୍ୟକାରିଣୀ ସଭ୍ୟ ପଦବୀ ନିମନ୍ତେ ରାଜେନ୍ଦ୍ର ନାରାୟଣ ରାଉତ, ଭରତ ହାତୀ, ପଦ୍ମଲୋଚନ ମହାପାତ୍ର, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ତ୍ରିଲୋଚନ ସାହୁ ଓ ରାଜେଶ କୁମାର ରାୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ସେଲ୍ଫି କର୍ଣର



@ ଅଞ୍ଜନ



@ ଅରୁଣ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ଆଶାୟୀ ପ୍ରାର୍ଥୀଙ୍କ ଫେସବୁକ୍ ଆକାଉଣ୍ଟ ହ୍ୟାକ ଅଭିଯୋଗ

**ପରଜଙ୍ଗ,୧୮।୩(ଡି.ଏନ.ଏ)**

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ଆଶାୟୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ରାଉତଙ୍କ ଫେସବୁକ୍ ଆକାଉଣ୍ଟକୁ କେହି ଦୁର୍ବୃତ୍ତ ହ୍ୟାକ କରିଥିବା ସୋମବାର ପରଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏଥିସହ ତାଙ୍କ ଆକାଉଣ୍ଟରୁ କେହି ଭୁଲ ତଥ୍ୟ ପୋଷ୍ଟ କରିଥିବା ସନ୍ତୋଷ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

ସନ୍ତୋଷ ଅଭିଯୋଗ କରିଛନ୍ତି ଯେ, ଏହା ତାଙ୍କ ପୁରୁଣା ଫେସ୍‌ବୁକ ଆକାଉଣ୍ଟ। ଦୀର୍ଘଦିନ ହେଲା ସେ ଉକ୍ତ ଆକାଉଣ୍ଟ ଖୋଲି ନ ଥିବାବେଳେ ଆଉ ଏକ ନୂଆ ଆକାଉଣ୍ଟ କରିଛନ୍ତି। ହେଲେ କେହି ତାଙ୍କ ପୁରୁଣା ଆକାଉଣ୍ଟକୁ ହ୍ୟାକ କରି ଭ୍ରମାତ୍ମକ ପୋଷ୍ଟ କରିଛନ୍ତି। ଢେଙ୍କାନାଳ ଅବଜରଭର ଟିକେଟ ଦେବା ପାଇଁ ୧୦ଲକ୍ଷ ଟଙ୍କା ମାଗୁଥିବା ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ନବୀନ ନନ୍ଦ ଟିକେଟ ପାଇଁ ୨୦ ଲକ୍ଷ ଦେଇଥିବା ପୋଷ୍ଟରେ କେହି ଲେଖିଛନ୍ତି। ଅପରପକ୍ଷେ ଏହି ପୋଷ୍ଟକୁ ସନ୍ତୋଷ ଡିଲିଟ କରିପାରୁ ନ ଥିବା କହିଛନ୍ତି। କଂଗ୍ରେସର କୌଣସି ଅବଜରଭର ନିଯୁକ୍ତି ହୋଇନାହାନ୍ତି କିମ୍ବା କେହି ତାଙ୍କୁ ଅର୍ଥ ମାଗିନାହାନ୍ତି ବୋଲି ସନ୍ତୋଷ କହିଛନ୍ତି। ଏହାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।





## ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

**ତାଳଚେର,୧୮।୩(ନି.ପ୍ର.)**

ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତ ହାଇସ୍କୁଲ ପରିସରରେ ନିର୍ମାଣ ହେଉଥିବା ରାସ୍ତା ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ୫ ଲକ୍ଷ ଟଙ୍କା ବ୍ୟୟରେ ଜିଲା ଖଣିଜ ପାଣ୍ଠିରୁ ଏହି ରାସ୍ତା ନିର୍ମାଣ ହେଉଛି। ଜେଇ ସୁବାସ ରଥଙ୍କ ନାମରେ ୱାର୍କ ଅର୍ଡର ଥିବା ବେଳେ ତାଙ୍କ ଦ୍ୱାରା ନିଯୁକ୍ତ ଜଣେ ଠିକାଦାର ଏହି କାମ କରୁଛନ୍ତି। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ ଠିକାଦାର ମନଇଚ୍ଛା କାମକରୁଛନ୍ତି। ଏ ସମ୍ପର୍କରେ ଅବଗତ କରାଯିବା ସତ୍ତ୍ୱେ ବ୍ଲକ କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ଅଞ୍ଚଳବାସୀ ବ୍ଲକ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏ ସମ୍ପର୍କରେ ଜିଲାପାଳ ଓ ପିଡିଙ୍କୁ ଲିଖିତ ଭାବେ ଜଣାଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ଜେଇ ରଥଙ୍କୁ ପଚାରିବାରେ କହିଛନ୍ତି, ମୁଁ ଖବର ପାଇଛି। କାମ କରୁଥିବା ଠିକାଦାରଙ୍କୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବ। ନିର୍ବାଚନ କାମ ଯୋଗୁ ବ୍ୟସ୍ତ ରହୁଥିବା କରଣରୁ ଘଟଣାସ୍ଥଳକୁ ଯାଇପାରି ନ ଥିବା ସେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିଡିଓ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ବ୍ଲକ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଫଟୋରେ ଖବର







ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗ ଯୋଗୁ ସୋମବାର ରାଷ୍ଟ୍ରୀୟ ଶୋକ ପାଳନ କରାଯାଇଥିଲା। ଏହି ସମୟରେ ଅନୁଗୋଳ ଜିଲା କୋର୍ଟରେ ଜାତୀୟ ପତାକାକୁ ଅର୍ଦ୍ଧନମିତ (ତଳ)କରାଯାଇଥିଲା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପତାକାକୁ ଅର୍ଦ୍ଧନମିତ କରାଯାଇ ନ ଥିବା (ଉପର)ଦେଖିବାକୁ ମିଳିଥିଲା। **ଫଟୋ– ବୁବୁ**

# ଓଏସ୍‌ଏପି ବାଟାଲିୟନର ୧୨୦ ପୁରୁଷ ବାରାକ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୮।୩**

## ଖର୍ଚ୍ଚ ହୋଇଛି ୩ କୋଟି ୮ ଲକ୍ଷ ୯୩ ହଜାର

ଢେଙ୍କାନାଳ–କପିଳାସ ରାସ୍ତାର ମେଘା ପାହାଡ ନିକଟସ୍ଥ ସରଖିଆଠାରେ ପ୍ରତିଷ୍ଠିତ ହୋଇଥିବା ପ୍ରଥମ ଓଏସ୍‌ଏପି ବାଟାଲିୟନର ୧୨୦ ପୁରୁଷ ବାରାକ ସୋମବାର ଅପରାହ୍ନ ୫ଟାରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏସଏପି) ମନୋଜ କୁମାର ଛାବ୍ରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ବାରାକ ନିର୍ମାଣ ପାଇଁ ୩ କୋଟି ୮ଲକ୍ଷ ୯୩ ହଜାର ୮୯୮ ଟଙ୍କା ଖର୍ଚ୍ଚ ହୋଇଥିଲା। ଗତ ୩୧।୦୫।୨୦୧୭ ତାରିଖରୁ ଏହି ବାରାକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୫।୩।୨୦୧୯ରେ ଶେଷ ହୋଇଥିଲା। ଓଡ଼ିଶା ଷ୍ଟେଟ୍ ପୋଲିସ ହାଉସିଂ ୱେଲଫେୟାର କର୍ପୋରେଶନ ଭୁବନେଶ୍ୱର ପକ୍ଷରୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପି ଅନୁପମା ଜେମ୍‌ସ, ପ୍ରଥମ ବାଟାଲିୟନର କମାଣ୍ଡାଣ୍ଟ ନବକିଶୋର ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାବିଲଦାର ସିପାହି ସଂଘ ଶାଖାର ସଭାପତି କିଶୋର କୁମାର ମହାନ୍ତି ଓ ଅଭିଷେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସରଖିଆଠାରେ ପ୍ରଥମ ଓଏସ୍‌ଏପି ବାଟାଲିୟନ ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ୭୯ ଏକର ଜାଗା ପ୍ରଦାନ ପରେ ଗତ ୧୮।୧୧।୧୬ରେ ଏହାର ଭୂମିପୂଜନ ହୋଇଥିଲା। ଓଏସ୍‌ଏପି ପ୍ରଥମ ବାଟାଲିୟନ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ପ୍ରଥମ ବାଟାଲିୟନର ୧୨୦ ପୁରୁଷ ବାରାକକୁ ଉଦ୍‌ଘାଟନ କରୁଛନ୍ତି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା । ନିକଟରେ ଅଛନ୍ତି ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍‌ସ ଓ ବାଟାଲିୟନ କମାଣ୍ଡାଣ୍ଟ ନବକିଶୋର ଦାସ ।

■ସ୍ୱଚ୍ଛ ଭାରତ ମିଶନରେ ଛଟେଇକୁ ବିରୋଧ

# କଳା ବ୍ୟାଜ ପିନ୍ଧି କାମ କଲେ କର୍ମଚାରୀ

**ଅନୁଗୋଳ ଅଫିସ, ୧୮।୩**

ପ୍ରଥମେ ପାନୀୟ ଜଳ ଓ ପରିମଳ ବିଭାଗରେ କାମ କଲେ। ଦୁଇ ତିନି ବର୍ଷ ହେଲା ସ୍ୱଚ୍ଛ ଭାରତ ମିଶନକୁ ଆସିଲେ। ନିଷ୍ଠାପର ଓ ଭଲ କାମ କରିଥିବାରୁ ପୁରସ୍କାର ମିଳିବା କଥା। କିନ୍ତୁ ରାଜ୍ୟ ସରକାର ସ୍ୱଚ୍ଛଭାରତ ମିଶନରେ କାର୍ଯ୍ୟ କରୁଥିବା ଏହି ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଓ ଜିଲାସ୍ତରୀୟ ସଂଯୋଜକ (ଡିଏଲ୍‌ସି) କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛନ୍ତି। ଏହାକୁ ନେଇ ରାଜ୍ୟରେ କାର୍ଯ୍ୟରତ ୭୪୪ ଡିପିସି ଓ ଡିଏଲ୍‌ସିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନୁଗୋଳ ଜିଲାରେ କାର୍ଯ୍ୟ କରୁଥିବା ୨୨ଜଣ କର୍ମଚାରୀ ସୋମବାର ଏହାର ପ୍ରତିବାଦ କରିବା ସହ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିଛନ୍ତି।

ସମ୍ପୃକ୍ତ କର୍ମଚାରୀମାନଙ୍କ କହିବା ଅନୁଯାୟୀ, ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୧୦ ବର୍ଷ ପୂର୍ବେ ଏମାନଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇଥିଲେ। ଅନୁରାଧା ସିଂ ଜିଲା ପ୍ରୋଜେକ୍ଟ କୋଅର୍ଡିନେଟର(ଡିପିସି) ଭାବେ କାର୍ଯ୍ୟ କରୁଥିବାବେଳେ ଜିଲାସ୍ତରୀୟ କନସଲଟାଣ୍ଟ ଭାବେ ସୀତାଞ୍ଜଳି ପତି (ଆଇଇସି ଆଣ୍ଡ ଏଚଆରଡି), ମିଲୁ କୁମାର ମହନ୍ତ(ସାନିଟେଶନ୍) ଓ ସ୍ମୃତିରେଖା ମିଶ୍ର (ଏମ୍‌ଇ କମ୍ ଏମ୍‌ଆଇସି) ଅଛନ୍ତି। ସେହିପରି ପ୍ରତ୍ୟେକ ବ୍ଲକରେ ଜଣେ ଲେଖାଏ ବ୍ଲକ କୋଅର୍ଡିନେଟର ଓ କ୍ଲଷ୍ଟର କୋଅର୍ଡିନେଟର ରହିଛନ୍ତି। ବଁଅରପାଳ ଓ ଆଠମଲ୍ଲିକରେ ଅଧିକ କାର୍ଯ୍ୟ ଥିବାରୁ ଆଉ ଦୁଇ ଜଣ କ୍ଲଷ୍ଟର କୋଅର୍ଡିନେଟର ନିଯୁକ୍ତି ପାଇଥିଲେ। ଏ ସମସ୍ତଙ୍କୁ ମିଶାଇ ଜିଲାରେ ମୋଟ୍ ୨୨ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନେ ସ୍ଥାୟୀ ନିଯୁକ୍ତି ଦାବି କରୁଥିବା ବେଳେ ପ୍ରତିବର୍ଷ ସରକାରଙ୍କ ଚାକିରିରେ ପୁନଃ ଚୁକ୍ତିନାମା କରୁଛନ୍ତି। ତେବେ ଆସନ୍ତା ମାର୍ଚ୍ଚ ୩୧ ପରେ ଆଉ ପୁନଃ ଚୁକ୍ତିନାମା କରାଯିବ ନାହିଁ ବୋଲି ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ରୂପା ମିଶ୍ର ନିର୍ଦ୍ଦେଶ ଜାରି କରିଛନ୍ତି। ଚିଠି ନଂ. ୨୯୩୬ ମାର୍ଚ୍ଚ ୮ ତାରିଖରେ ସଚିବ ସବୁ ଜିଲାର ଜିଲାପାଳଙ୍କୁ ଚିଠି କରିଛନ୍ତି ଯେ, ସ୍ୱଚ୍ଛ ଭାରତ ମିଶନରେ କାମ କରୁଥିବା ଜିଲା ପ୍ରକଳ୍ପ ସଂଯୋଜକ ଓ ଜିଲାସ୍ତରୀୟ ସଂଯୋଜକଙ୍କ ବଦଳରେ ଠିକା ସଂସ୍ଥାରୁ କର୍ମଚାରୀ ନିଯୁକ୍ତି ପାଇବେ। ଏହି ଖବର ମିଳିବା ପରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ଉପରୋକ୍ତ ନିଷ୍ପତ୍ତିର ପୁନର୍ବିଚାର ଦାବି କରି କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିଛନ୍ତି। ଯଦି ପୁନର୍ବିଚାର କରା ନ ଯାଏ ତା'ହେଲେ ୩୧ ମାର୍ଚ୍ଚ ପରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଜିଲା ପ୍ରୋଜେକ୍ଟ କୋଅର୍ଡିନେଟର ଅନୁରାଧା ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ ବର୍ତ୍ତମାନ ସୁଦ୍ଧା ୮୫ ପ୍ରତିଶତ ସ୍ୱଚ୍ଛତା ଆସିଛି। ଏପରି ସ୍ଥିତିରେ କର୍ମଚାରୀଙ୍କୁ ଛଟେଇ କରାଗଲେ ବାକି ୧୫ ପ୍ରତିଶତ କାର୍ଯ୍ୟ ଅନଭିଜ୍ଞ କର୍ମଚାରୀମାନେ କରିବା କଷ୍ଟକର ହୋଇପଡ଼ିବ। ଜିଲାରେ ସ୍ୱଚ୍ଛ ଭାରତକୁ ରାସ୍ତା ଦେଖାଇଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ଛଟେଇ କରାଯିବା ଦୁଃଖଦ ଘଟଣା। ଏ ନେଇ କର୍ମଚାରୀମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି।



କର୍ମଚାରୀମାନେ କଳା ବ୍ୟାଜ ପରିଧାନ କରିଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛେଣ୍ଡିପଦା,୧୮।୩(ଡି.ଏନ.ଏ.)- ଓଡ଼ିଶା ସ୍ୱାବଲମ୍ବୀ କାରିଗର ସଂଘ(ଏସିଏମ୍) ଛେଣ୍ଡିପଦା ବ୍ଲକ ତଥା ଅନୁଗୋଳ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜଳଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗରଙ୍କ ବିଭିନ୍ନ ସମସ୍ୟା, ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାର୍ଯ୍ୟରତ କାରିଗରଙ୍କୁ ସରକାରୀ ଚାକିରି ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯିବା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ସ୍ୱାବଲମ୍ବୀ କାରିଗର ପଦବୀ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ସରକାରୀ ଚାକିରି ତଥା ନିୟମିତ ଭାବରେ ଦରମା ହାର ବୃଦ୍ଧି କରାଯିବା ସକାଶେ ଦାବି କରାଯାଇଛି। ଏ ନେଇ ରାଜ୍ୟ ସରକାର ତଥା ବିଭାଗୀୟ ସଚିବଙ୍କୁ ପୂର୍ବରୁ ଅବଗତ କରାଯାଇଛି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ସହ ସାଧାରଣ ଭୋଟ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ଶାଖା ସଭାପତି ରାଜକିଶୋର ରଣସିଂହ, ଉପ ସଭାପତି ରଞ୍ଜନ ନାୟକ, ସମ୍ପାଦକ ଅଲେଖ ନାଏକ, ଛେଣ୍ଡିପଦା ବ୍ଲକ ଶାଖା ସଭାପତି ପର୍ଶୁରାମ ମାଝି, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### 'ଓଡ଼ିଶାକୁ ଅବହେଳା କରିଛି କେନ୍ଦ୍ର'

ବଇଣ୍ଡା,୧୮।୩(ଡି.ଏନ.ଏ)- ଓଡ଼ିଶା ଯେତିକି ଅର୍ଥ ଅନୁଦାନ ପାଇବା କଥା କେନ୍ଦ୍ର ସେତିକି ଦେଉନାହିଁ। ପ୍ରତି କ୍ଷେତ୍ରରେ ରାଜ୍ୟକୁ କେନ୍ଦ୍ର ଅବହେଳା କରି ଆସିଛି ବୋଲି ରବିବାର କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ରୋଡ଼ଠାରେ ଜୋନସ୍ତରୀୟ ବିଜେଡି ପକ୍ଷରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ କାର୍ଯ୍ୟକର୍ତ୍ତା ମତପ୍ରକାଶ କରିଛନ୍ତି। ବିଜେଡି ଯୁବ ନେତା ସୁନୀଲ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋରନଗର ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ମାଝି, ବ୍ଲକ ଉପାଧକ୍ଷ ସୁନୀଲ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଅମାନ୍ତ ସାହୁ, ରଞ୍ଜନ ବିଶ୍ୱାଳ, ରମେଶ କୁମାର ବେହେରା, ତରୁଣ ସେନ ସାହୁ, ସୁରେଶ ସାହୁ, ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ବିଭିନ୍ନ ପଞ୍ଚାୟତରେ ବିଜେଡିର ବୈଠକ

ତାଳଚେର,୧୮।୩(ନି.ପ୍ର.)- ତାଳଚେର ବ୍ଲକ ୧୮ ନମ୍ବର ଜିଲା ପରିଷଦ ଜୋନର ବିଭିନ୍ନ ପଞ୍ଚାୟତରେ ବିଜେଡି ପକ୍ଷରୁ ସୋମବାର ମାରାଥନ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ବ୍ରଜ କିଶୋର ପ୍ରଧାନ ବଡଯୋରଡା, କର୍ଣ୍ଣପୁର, ଡଅଁରା, ଗୋପାଳପ୍ରସାଦ, କୁମଣ୍ଡା ପଞ୍ଚାୟତର ଗ୍ରାମ ଗ୍ରାମ ବୁଲି ବୈଠକ କରି ଗ୍ରାମବାସୀଙ୍କ ସହିତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସାହୁ, ମନୋଜ ପ୍ରଧାନ,ଲିଲିଭା ରାଣୀ ସାହୁ, ଆରତି ବିଶ୍ୱାଳ, ଶ୍ରମିକନେତା ସଞ୍ଜୟ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଦିଲୀପ ପ୍ରଧାନ, ସୁରକ୍ଷା ମଞ୍ଚ ସଭାପତି,ପଠାଣି ବାରିହା, ଲିପୁନା ଭୁକ୍ତା ମୁରଲୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ହୃଦ୍‌ଘାତରେ ବସ୍ ଚାଳକଙ୍କ ପରଲୋକ

ଛେଣ୍ଡିପଦା,୧୮।୩(ଡି.ଏନ.ଏ.)- ଜରପଡା ଥାନା ତୁକୁଡା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଜଣେ ଘରୋଇ ବସ୍ ଚାଳକ ଲୋକନାଥ ସାହୁ (୪୪)ଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପି ଯୁବକ ଭାବେ ପରିଚିତ ଥିଲେ। ସେ ତାଙ୍କ ବାସଗୃହରେ ବିଶ୍ରାମ ନେଉଥିବାବେଳେ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି।

### ବାଇକ୍ ଧକ୍କାରେ ଯୁବକ ମୃତ

ତାଳଚେର୧୮।୩(ନି.ପ୍ର)- ତାଳଚେର ଥାନା ଅନ୍ତର୍ଗତ ସୁନଖଣି ନିକଟରେ ଏକ ବାଇକ୍ ମାଟି ଗଦାରେ ଧକ୍କା ଦେବାରୁ ଚାଳକ ସମଲ ଥାନା ଗହମ ଗ୍ରାମର ବାବୁଲି ପ୍ରଧାନ(୨୩)ଙ୍କ ମୃତ୍ୟୁ ହୋଇଛି। ସୁନାଖଣି ନିକଟରେ ରାସ୍ତା କାମ ଚାଲିଥିବାବେଳେ ଠିକାଦାର ଏକ ଡାଇଭରସନ ରୋଡ ତିଆରି କରିଛନ୍ତି। ବାବୁଲି ତାଳଚେରରୁ ନିଜ ଘର ଗହମକୁ ଫେରୁଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଉକ୍ତ ମାଟି ଗଦାରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

■ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଅନୁଗୋଳ ଅଫିସ, ୧୮।୩**

ଚଳିତ ଗ୍ରୀଷ୍ମ ଋତୁରେ ଅଂଶୁଘାତର ମୁକାବିଲା ଓ ଜଳ ଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ସୋମବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଆସନ୍ତା ଏପ୍ରିଲ ୨ ତାରିଖରୁ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ କରାଯିବା ସହ ଅଂଶୁଘାତରୁ ବର୍ତ୍ତିବା ପାଇଁ ଶିକ୍ଷାନୁଷ୍ଠାନଗୁଡିକ ପକ୍ଷରୁ ସେମାନଙ୍କୁ ସଚେତନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକୁ ଚିହ୍ନଟ ସହ ଜଳ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥାଗୁଡ଼ିକର କର୍ମକର୍ତ୍ତାମାନଙ୍କୁ କହିଥିଲେ। ଜଳାଭାବ ପାଇଁ ଆସୁଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଗ୍ରହଣ କରି ୪୮ ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଗୋରୁ ହାଟ ଓ ଜଙ୍ଗଲ ମଧ୍ୟରେ ଗୋରୁ ଓ ବନ୍ୟଜନ୍ତୁମାନଙ୍କ ପାଇଁ ଆବଶ୍ୟକ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିୟନ୍ତ୍ରିତ ବଜାର କମିଟି, ପଶୁ ସମ୍ପଦ ବିଭାଗ ଓ ବନ ବିଭାଗ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସେସୁ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ବୈଠକରେ କୁହାଯାଇଥିଲା। ଅଂଶୁଘାତ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଶୀତତାପ ନିୟନ୍ତ୍ରିତ କୋଠରି ରହିଛି। ଅଧିକ ୮ଟି କକ୍ଷର ବ୍ୟବସ୍ଥା କରିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩.୩୦ ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ କରିବାକୁ ବାରଣ କରାଯାଇଛି। ଯାତ୍ରୀବାହି ବସ୍‌ଗୁଡ଼ିକ ମଧ୍ୟ ଏହି ସମୟ ମଧ୍ୟରେ ଚଳାଚଳ କରିବା ଉପରେ କଟକଣା କରାଯାଇଛି।

> ■ଅଂଶୁଘାତ ପାଇଁ ମେଡିକାଲରେ ସ୍ୱତନ୍ତ୍ର ବ୍ୟବସ୍ଥା
>
> ■୪୮ ଘଣ୍ଟାରେ ଜଳାଭାବ ଅଭିଯୋଗର ହେବ ସମାଧାନ
>
> ■ପଶୁ ପକ୍ଷୀଙ୍କ ପାଇଁ ହେବ ପାନୀୟ ଜଳ ବ୍ୟବସ୍ଥା

ଗ୍ରୀଷ୍ମ ଋତୁରେ ଅଗ୍ନିକାଣ୍ଡ ନିରୋଧ ପାଇଁ ଅଗ୍ନିଶମ କର୍ମଚାରୀମାନେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅଗ୍ନିକାଣ୍ଡ ଘଟୁଥିବାର ଖବର ତୁରନ୍ତ ଟୋଲ ଫ୍ରି ନମ୍ବର ୧୦୧ରେ ଜଣାଇବାକୁ କୁହାଯାଇଥିଲା। ଜିଲା ଜରୁରିକାଳୀନ କଣ୍ଟ୍ରୋଲ ରୁମ୍‌ର ଟେଲିଫୋନ ନମ୍ବର ୨୩୦୯୮୦, ଟୋଲ ଫ୍ରି ନମ୍ବର ୧୦୭୭ ଓ ୨୩୦୨୩୪ରେ ଅଂଶୁଘାତଜନିତ ସମସ୍ତ ଖବର ପ୍ରଦାନ କରିବାକୁ ଜଣାଇ ଦିଆଯାଇଛି। ଜିଲା କାର୍ଯ୍ୟାଳୟ ସମେତ ଜଳସେଚନ ଓ ଅଂଶୁଘାତ ସହ ଜଡ଼ିତ ସମସ୍ତ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଏହି କାର୍ଯ୍ୟାଳୟଗୁଡ଼ିକରେ ଗେଜେଟେଡ ଅଫିସରମାନେ ଦାୟିତ୍ୱ ନିର୍ବାହ କରିବେ। ଡାକ୍ତରଖାନାରେ କେହି ଅଂଶୁଘାତରେ ମୃତ୍ୟୁବରଣ କଲେ ମେଡିକାଲ ଅଫିସର ଏହାର ପ୍ରମାଣ ପତ୍ର ଦେବେ। ଅନ୍ୟ ସ୍ଥାନରେ ମୃତ୍ୟୁବରଣ କଲେ ତହସିଲଦାର, ଅତିରିକ୍ତ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ତଦନ୍ତ କରାଯାଇ ୧୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେଲେ ପ୍ରଭାବିତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

ଶେଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି କଲେକ୍ଟର ବୈତୁରା ଦୀପ୍, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

■ଚଷା ସମାଜର ବାର୍ଷିକ ସମ୍ମିଳନୀ

# ସଫଳ ଚାଷୀ ସମ୍ବର୍ଦ୍ଧିତ



**ତାଳଚେର,୧୮।୩(ନି.ପ୍ର.)**

ତାଳଚେର ଉପଖଣ୍ଡ କେନ୍ଦ୍ରୀୟ ଚଷା ସମାଜର ୫ମ ବାର୍ଷିକ ସମ୍ମିଳନୀ ପବିତ୍ରନଗରର ମିନି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ଚଷା ସମାଜର ପତାକା ଉତ୍ତୋଳନ କରିଥିଲେ। କେନ୍ଦ୍ରୀୟ ଚଷା ସମାଜ ସଭାପତି ମକୁନ୍ଦ ଚନ୍ଦ୍ର ସାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଧାନ, ଦକ୍ଷିଣ ଆଫ୍ରିକା ଉଚ୍ଚାୟୁକ୍ତ ଶରତ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଦସ୍ୟା ବସନ୍ତ ମଞ୍ଜରୀ ପ୍ରଧାନ, ସମ୍ବଲପୁର ଚଷା ସମାଜ ସଭାପତି ଧରଣୀଧର ପ୍ରଧାନ, କନ୍ଦର୍ପ ସାହୁ, ବାସୁଦେବ ଦେହୁରୀ ଯୋଗ ଦେଇଥିଲେ। ଚଷା ସମାଜର ବିଭିନ୍ନ ସମସ୍ୟା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏହା ସହିତ ପ୍ରତ୍ୟେକ ପରିବାରକୁ ଚିହ୍ନଟ ପତ୍ର ପ୍ରଦାନ, ଚଷା ପରିବାରର ଉନ୍ନତି, ଶୀତଳ ଭଣ୍ଡାର, ପବିତ୍ର ବାବୁ ଛାତ୍ର ବୃତ୍ତି ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ସଫଳ ଚାଷୀ ଭାବେ ବଂଶୀଧର ସାହୁ ଓ ଶରତ ଚନ୍ଦ୍ର ପ୍ରଧାନ, ଦୀପକ କୁମାର ପ୍ରଧାନ, ସମାଜସେବା ପାଇଁ କ୍ଷୀରୋଦ ସାହୁ, ଡାକ୍ତରୀ ସେବା କ୍ଷେତ୍ରରେ ଶୁଭେନ୍ଦୁ ପ୍ରଧାନ, ଆଇନ୍ ସେବା କ୍ଷେତ୍ରରେ ଦିବ୍ୟକିରଣ ବିଶ୍ୱାଳ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମାଜର ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରାବିଲ ଗ୍ରାମର ଚଷା ସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ହରେଶ ଚନ୍ଦ୍ର ପ୍ରଧାନ, ସାଇ ବେହେରା, କପିଳେଶ୍ୱର ପ୍ରଧାନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜଳଧର ଜେନା, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପୌର କର୍ମଚାରୀଙ୍କ ଡେପୁଟେଶନ ନିର୍ଦ୍ଦେଶ ବାତିଲ

**ଅନୁଗୋଳ ଅଫିସ, ୧୮।୩**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲେ ହେଁ ଅନୁଗୋଳ ପୌରପାଳିକାର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଧରଣୀଧର ନାଏକଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କ କାର୍ଯ୍ୟାଳୟକୁ ଡେପୁଟଶନ (୧୬ ତାରିଖ ଚିଠି ନଂ. ୨୨୨୭ )ରେ ପଠାଯାଇଥିଲା। ଏହା ଉଦ୍ଦେଶ୍ୟମୂଳକ ତଥା ଆଚରଣ ବିଧି ଆଇନର ଉଲ୍ଲଂଘନ ବୋଲି ଧରଣୀଧର ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଖବର ୧୮ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଉକ୍ତ ଡେପୁଟେଶନ୍ ନିର୍ଦ୍ଦେଶ ବାତିଲ ହୋଇଛି। ପୌରପାଳିକା ଚିଠି ନଂ୨୨୯୬/୧୮।୩।୨୦୧୯ରେ ତାହା ବାତିଲ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି।

ବଦଳିକୁ ବିରୋଧ କରି ସୋମବାର ଧରଣୀଧର ପୌର କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିଲେ। ଆଇନକୁ ଫାଙ୍କି କର୍ତ୍ତୃପକ୍ଷ ଯଦି ଉଦ୍ଦେଶ୍ୟ ପୂରଣ କରନ୍ତି, ତା'ହେଲେ ସେ ଚାକିରି ଛାଡ଼ିବା ସହ ଏ ନେଇ ଗଣମାଧ୍ୟମରେ ମୁହଁ ଖୋଲିବେ। ତେବେ ଡେପୁଟେଶନ୍ ବାତିଲ ସମ୍ପର୍କରେ ସେ କହିଛନ୍ତି, ଏହା ଶୁଣିବାକୁ ପାଇଛି। କିନ୍ତୁ କୌଣସି ଚିଠି ମିଳିନାହିଁ। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ଜେନା କହିଛନ୍ତି, ବାତିଲର ଚିଠି ହୋଇଯାଇଛି। ତାଙ୍କୁ ମଙ୍ଗଳବାର ପ୍ରଦାନ କରାଯିବ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ କହିଛନ୍ତି, ନିର୍ବାହୀ ଅଧିକାରୀ ସେ ସମ୍ବନ୍ଧରେ ବୁଝିବେ।

# ବିଜେଡିର ବୁଥ୍ କମିଟି ବୈଠକ

**କଣିହାଁ,୧୮।୩ (ଡ଼ି.ଏନ୍.ଏ)**

କଣିହାଁ ବ୍ଲକ ରେଙ୍ଗାଳି ଅଞ୍ଚଳରେ ବିଜେଡି ପକ୍ଷରୁ ବୁଥ୍ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ କିପରି ପ୍ରତିପକ୍ଷଙ୍କଠାରୁ ବିଜୟଲାଭ କରିବେ ସେ ନେଇ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକର ୧୯ଟି ପଞ୍ଚାୟତର ବୁଥ୍ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଶ୍ୟାମସୁନ୍ଦର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ନିର୍ମଳ ସାହୁ, ଜିଲା ଯୁବ ବିଜେଡି ଉପସଭାପତି ସୁନୀଲ କୁମାର ପ୍ରଧାନ, ରଶ୍ମିତା ସେଠୀ, ପୁଷ୍ପାଞ୍ଜଳି ସେଠୀ, ପ୍ରଦୀପ ସାହୁ, ବୁଦ୍ଧିମନ୍ତ ସାହୁ, ସମ୍ପାଦକ ନିଶାକର ପ୍ରଧାନ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁ ଦାଶ, କୁଳମଣି ବେହେରା, ପୂର୍ଣ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ନାଲ୍‌କୋ ଇଡିଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ସାରେଗାମା ଅନୁଷ୍ଠାନର ସଦସ୍ୟାସଦସ୍ୟ ଓ ଅନ୍ୟମାନେ।

**ବଅଁରପାଳ, ୧୮।୩ (ଡି.ଏନ୍.ଏ.)**

ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ଆସନ୍ତା ୩୧ ତାରିଖରେ ଚାକିରିରୁ ଅବସର ନେବେ। ଏଥିପାଇଁ ସାରେଗାମା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନ ସଭାପତି ଦେବବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଡି ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନ ଉପଦେଷ୍ଟା ପ୍ରଦୋଷ କୁମାର ମହାନ୍ତି, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ. ସାହୁ, ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାଶ, ମହାପ୍ରବନ୍ଧକ ଅମୀୟ ସ୍ୱାଇଁ, ମହାପ୍ରବନ୍ଧକ ଏମ୍.କେ. ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଣିରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଅତିଥି ମହାନ୍ତି, ସୁରେନ୍ଦ୍ର ମଲ୍ଲିକ, ପ୍ରୀତିପଦ୍ମା ସାହୁ, ରାଜାରାମ ମିଶ୍ର, ବିଭୂତି ଶତପଥୀ, ଭବେଶ ସେଠ, ରଣି ପଟ୍ଟନାୟକ, ବରଦା ମହାନ୍ତି, ଦୀପକ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଜଳବାୟୁ ପରିବର୍ତ୍ତନର କାରଣ ଉପରେ ଆଲୋଚନା




**ବଇଣ୍ଡା, ୧୮।୩(ଡି.ଏନ.ଏ)**

କିଶୋରନଗର ବ୍ଲକ ଉରୁକୁଳା ରାଧାକୃଷ୍ଣ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଫାନସା ଓଡ଼ିଶା ଓ ବିଶ୍ୱ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନ କାରଣ ଓ ଏହାର ନିରାକାରଣ ଉପରେ ଆଲୋକପାତ କରିଥିଲେ। ଏଥିସହ ସ୍ୱଚ୍ଛତା ପରିମଳ, ସ୍ୱଚ୍ଛ ପାନୀୟ ଜଳର ବ୍ୟବହାର, ପରିବେଶ ପରିଚ୍ଛନ୍ନତା ଆଦି ସମ୍ପର୍କରେ ଉପସ୍ଥିତ ଛାତ୍ରମାନଙ୍କୁ ସଚେତନ କରିଥିଲେ। ରଜନୀକାନ୍ତ ଦେହୁରି ଓ ଜିତୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ୧୦୦ ଜଣ ଛାତ୍ର ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମଚାରୀ ଅଭିଷେକ ମହାପାତ୍ର, ଚିନ୍ତାର୍ଥୀ ପ୍ରଧାନ, ସ୍ୱେଚ୍ଛାସେବୀ ସନ୍ତୋଷ ବିଶୋୟୀ ସହଯୋଗ କରିଥିଲେ।

# ଆନ୍ଦୋଳନକାରୀଙ୍କୁ ଗୋଡ଼ାଇ ପିଟିଲେ ସୁରକ୍ଷା କର୍ମୀ

**ଲାଞ୍ଜିଗଡ଼/ଭବାନୀପାଟଣା, ୧୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସମ୍ମୁଖ ସୋମବାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନରତ ବିସ୍ଥାପିତଙ୍କୁ ହଟାଇବାକୁ ଯାଇ ସୁରକ୍ଷା କର୍ମୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏହି ପରିସ୍ଥିତି ସୃଷ୍ଟି କରିଥିଲା। ଏହି ଘଟଣାରେ ୨ଜଣ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଆକ୍ରମଣରେ କମ୍ପାନୀର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ନିଆଁରେ ପୋଡ଼ି ହୋଇ ଜଣେ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଜନ ଆନ୍ଦୋଳନ ତୀବ୍ର ହୋଇଛି । ଲୋକେ କାରଖାନା ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରିଛନ୍ତି। ଉକ୍ତ ଘଟଣା ପରେ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତିକୁ ଆଖି ଆଗରେ ରଖି କାରଖାନା ପରିସରରେ ୧୪୪ଧାରା ଜାରି କରାଯାଇଛି। ଉତ୍ତେଜନା ଲାଗି ରହିଥିବାରୁ ପରିସ୍ଥିତି ପ୍ରତି ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳୁ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସାମ୍ନାରେ ବିସ୍ଥାପିତ ରେଙ୍ଗୋପାଲି ଗ୍ରାମବାସୀ ଧାରଣାରେ ବସିଥିଲେ। କମ୍ପାନୀରେ ନିୟୋଜିତ ଓଆଇଏସ୍ଏଫ୍(ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)ର ସୁରକ୍ଷାକର୍ମୀମାନେ ସେମାନଙ୍କୁ ହଟାଇବାକୁ ଯାଇ ହଠାତ୍ ଲାଠିଚାଳନା କରିଥିଲେ। ଏହାର ପ୍ରତିବାଦ କରିବାରୁ ସୁରକ୍ଷା କର୍ମଚାରୀମାନେ ଧାରଣାରତ ଗ୍ରାମବାସୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ କମ୍ପାନୀରେ କାମ କରୁଥିବା ଛତ୍ରପୁର ଗାଁର ଜଣେ ଶ୍ରମିକ ଦାନି ବାତ୍ରା (୪୦)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାର ହେବା ପରେ ଲାଞ୍ଜିଗଡ଼, ଛତ୍ରପୁର, ରେଙ୍ଗୋପାଲି ସମେତ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ କମ୍ପାନୀ ମୁଖ୍ୟ ଫାଟକ ଡେଇଁ ଭିତରକୁ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ସୁରକ୍ଷା କର୍ମୀମାନେ ପୁଣିଥରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଲାଠି ମାଡ କରିଥିଲେ। ଫଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ଲୋକଙ୍କ ଉପରେ ଓଆଇଏସ୍ଏଫ୍ ଏତେ ଆକ୍ରମଣାତ୍ମକ ହୋଇ ଉଠିଥିଲା ଯେ, ଆନ୍ଦୋଳନକାରୀଙ୍କ ସମେତ ସାଧାରଣ ଲୋକ ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଗୋଡାଇ ଗୋଡାଇ ପିଟି ଲହୁଲୁହାଣ କରି ପକାଇଥିଲା। ବେଦାନ୍ତ ହସ୍ପିଟାଲର ଜଣେ ଆମ୍ବୁଲାନ୍ସ ଡ୍ରାଇଭର ମଧ୍ୟ ସେହି ମାଡ଼ରୁ ବର୍ତ୍ତି ନ ଥିଲା। କେବଳ ସେତିକି ନୁହେଁ, ଓଆଇଏସ୍ଏଫ୍ ୨ ଶହରୁ ଊର୍ଦ୍ଧ୍ୱ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏପରିକି କମ୍ପାନୀରେ କାମ କରୁଥିବା ଶ୍ରମିକ ଓ ଫାଟକ ସମ୍ମୁଖରେ ଦୋକାନ କରିଥିବା ବ୍ୟବସାୟୀମାନେ ମଧ୍ୟ ଓଆଇଏସ୍ଏଫ୍ ଆକ୍ରମଣରୁ ବର୍ତ୍ତି ପାରି ନ ଥିଲେ।

> **ଲାଞ୍ଜିଗଡ଼ ବେଦାନ୍ତରେ ଉତ୍ତେଜନା**
>
> ■ ୨ମୃତ, ୫୦ରୁ ଊର୍ଦ୍ଧ୍ୱ ଗୁରୁତର
>
> ■ ଓଆଇଏସ୍ଏଫ୍‌ର ବର୍ବରତା ସୀମା ଟପିଲା
>
> ■ ୨ ଶହରୁ ଊର୍ଦ୍ଧ୍ୱ ବାଇକ୍ ଭାଙ୍ଗିଲେ
>
> ■ କମ୍ପାନୀ ପରିସରରେ ୧୪୪ ଧାରା ଜାରି

ଅପରପକ୍ଷେ ଉତ୍ତ୍ୟକ୍ତ ଲୋକେ କମ୍ପାନୀ ଭିତରେ ଭଙ୍ଗାରୁଜା କରିବା ସହ ମୁଖ୍ୟ ଫାଟକ ନିକଟରେ ଥିବା ସିକ୍ୟୁରିଟି ଅଫିସ, ଏଚ୍ଆର୍ ଅଫିସ, ସିଏସ୍ଆର୍ ଅଫିସ ଆଦିରେ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁରେ ପୋଡି ହୋଇ ଓଆଇଏସ୍ଏଫ୍‌ର ଜଣେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରପାଇ ଡିଆଇଜି ହିମାଂଶୁ ଲାଲ, କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବି. ଗଙ୍ଗାଧର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ୨ ଡିଏସ୍‌ପିଙ୍କ ନେତୃତ୍ୱରେ ୩ ପ୍ଲାଟୁନ୍ ପୋଲିସ ସହିତ ଲାଞ୍ଜିଗଡ, ବିଶ୍ୱନାଥପୁର, ଭବାନୀପାଟଣା ଟାଉନ ଥାନା ପୋଲିସ ସେଠାରେ ମୁତୟନ କରାଯାଇଛି।

ଶ୍ରମିକଙ୍କ ମୃତଦେହକୁ କମ୍ପାନୀ ମୁଖ୍ୟ ଫାଟକ ସାମ୍ନାରେ ରଖି ଆନ୍ଦୋଳନକାରୀ ଓ ପରିବାରବର୍ଗ ଧାରଣାରେ ବସିଥିଲେ। ଲାଞ୍ଜିଗଡ଼ର ବୁଦ୍ଧିଜୀବୀ ମହଲ ମଧ୍ୟ ବେଦାନ୍ତ ସୁରକ୍ଷା ଦାୟିତ୍ୱରେ ଥିବା ଓଆଇଏସ୍ଏଫ୍‌ର ବର୍ବରତାକୁ ନିନ୍ଦା କରି ଏକ ଶୋଭାଯାତ୍ରା ବାହାର କରିଥିଲେ। ଆହତମାନଙ୍କୁ ଲାଞ୍ଜିଗଡ, ବିଶ୍ୱନାଥପୁର ଓ ଗୁରୁତର ଲୋକଙ୍କୁ ଭବାନୀପାଟଣା, ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ଏବଂ ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ। ଏ ନେଇ ବେଦାନ୍ତ ସିଇଓ ଅଜୟ କୁମାର ଦୀକ୍ଷିତ କହିଛନ୍ତି, ଆମେ ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଯଥାସମ୍ଭବ ଉଦ୍ୟମ କରୁଛୁ। ତେବେ ଆଜିର ଘଟଣା ଦୁର୍ଭାଗ୍ୟଜନକ ଓ ମୃତକଙ୍କ ପାଇଁ ମୋର ସହାନୁଭୂତି ରହିଛି।

